ମାନ୍ୟବର ।

ଶ୍ରୀ ଭିକାରୀଚରଣ ପଟ୍ଟନାୟକ ।

ମୂଲ୍ୟ ୫୦ ନ. ପ.

Digitized by srujanika@gmail.com

ମାନ୍ୟବର ।

ମାନ୍ୟବର ହେବାପାଇଁକି
ଯାର ବାସନା ମନେ,
ମାନ୍ୟବର ହେବା ବିଧାନ
ଶିଖି ରଖ ଯତନେ ।
ସ୍ଥାନୀୟ ସମ୍ବାଦପତ୍ରିକା
ଯେତେ ଅଛଇ ଯହିଁ,
ନିଜ ବାହାଦୁରି ତାଲିକା
ଏଥେ ଲେଖାଅ ତହିଁ ।
ପତ୍ରିକାଲେଖକମାନଙ୍କୁ
ଧର ମନାଅ ମନ,

Digitized by srujanika@gmail.com

ଲେଖନ୍ତୁ ଏ' କଥା ତୁମ୍ଭଙ୍କୁ
ହେଇ ଉଚ୍ଚ ଆସନ ।
ବନ୍ଧୁ ବାନ୍ଧବଙ୍କୁ କହିବ
ଯେବେ ବନସ୍ତି ଭୂଷା,
ସହାସ୍ତି ହେବାକୁ ସେମାନେ
ତସ୍ତେଁ ଦେବେଟି ଅଶା ।
ମାନ୍ୟବରଗିର ତୁମ୍ଭର
ଯାହା ଯାହା କଥାରେ
ରହୁଛି ନର୍ଭର, ତାହାଙ୍କୁ
ଟେକ ନଅ ମଥାରେ ।
ପ୍ରଥମେ ଭେଟିବାପାଇଁଙ୍କ
ସଦା ହୁଅ ତତ୍ପର,
ଯେ ଯହୁଁ ରହନ୍ତୁ ପଛକେ
ଯାଇ ତାହାଙ୍କୁ ଧର ।

Digitized by srujanika@gmail.com

ଗୁଣ ଚହ୍ନାଚନ୍ତି ବନ୍ଧୁର
ରକ୍ଷି ଦଅ ଏ ବେଳେ,
ଯୋଗାଡ଼ରେ ଜଣି ପାରଲେ
କାର୍ଯ୍ୟ ଲଭିବ ହେଲେ ।
ମାନ୍ୟବର ପଦ ମିଳଇ
ଶାନ୍ତ ଧର୍ଯ୍ୟଘରେ,
ମାନ୍ୟବର ପଦ ମିଳଇ
ଅକ୍ଷି ଠର୍‌ଠରରେ ।
କାହା ସଙ୍ଗେ କାହା ପୀରତି
ଉଣ୍ଡି ଉଣ୍ଡି ସକଳ,
କଉଣଣେ ଖଞ୍ଜି ଯେସନେ
କେଳା ଯୋଖଇ ନଳ ।
ନର୍ତ୍ତଇ ଜାଣିଲେ ନାଚନ୍ତି
ବ୍ୟାଘ୍ର ଭଲ୍ଲୁକଗଣ,

Digitized by srujanika@gmail.com

ମତାଇ ଜାଣିଲେ ମାତନ୍ତି
କେତେ ମହତଜନ ।
ମାନ ଅପମାନ ଜ୍ଞାନକୁ
ଭୁଲ ମାସେ ଦ'ମାସେ,
ଉଚ୍ଚ ନୀଚ ଭେଦ ନ କର
ଯାଅ ସବୁର ପାଶେ ।
ସତ ବୋଲ ଯାହା ବୁଝିବ
ତାହା ରଖିବ ଜାଙ୍କ,
ଯାହା ଯହିଁ କଥା କହିବ
ତହିଁ ଥିବଟି ଫାଙ୍କି ।
ଗରିବ ମୁଖରେ ଯେ କଥା
ମିଛ ବୋଲିଣ ଜଣା,
ବଡ଼ଲୋକଠାରେ ସେତକ
ବଡ଼ ଗୁଣରେ ଗଣା ।

Digitized by srujanika@gmail.com

ଅନ୍ତ ଗୁଡୁ ଗୁଡୁ ହେଲେହେଁ
ସଦା ମୁହଁଠାଣରେ
ଢେଣ୍ଡୁରା ବଜାଇ ବୁଲିବ—
ସବୁ ମୋହ ହାତରେ ।
ଯାହା ହାତେ ଲୁଟି ପଡ଼ଇ
ହେଲେ ଦଣ୍ଡକପାଇଁ,
ପ୍ରକୃତ ବଧାନେ ସେ ତାହା
ଧରି ଦଏ ହଲଇ ।
"ବଚନଦାତାଙ୍କୁ" ପ୍ରଥମେ
ଯାଇ ଭେଟ କାଳରେ,
ନଶ ଫୁଲଇ ସେ କହିବେ
କଥା କେତେ ରଙ୍ଗରେ ।
ସ୍ୱାଧୀନଚେତା ସେ ଜଣକ
ସାରା ଖଣ୍ଡମଣ୍ଡଳେ,

Digitized by srujanika@gmail.com

ଗଢ଼ି ଅଛୁ ପଶୁ ବଧାଡା
ରଖିଅଛୁ ଏ ସ୍ଥଳେ ।
ଦେଶଟା ରଖିବା କିଅବା
ଉପାଇବା ବସ୍ତ୍ର
ତାଙ୍କ ପରେ ବହୁ ନାହିଁଛୁ
ବଡ଼ ଗୂଢ଼ ବ୍ୟାପାର ।
ସହଜେ କେମନ୍ତେ ସେ ପୂର୍ଣ
କହି ଦେବେ କଥାରେ,
କେତେ ବିବେଚନା ଖେଳୁଛି
ଏବେ ତାଙ୍କ ମଥାରେ ।
ନିଜ ଗୁଣ କେତେ ଗାଇବେ
ଶୁଣି ହେବ ଚକିତ,
ଏକା ସେହି ସିନା ବୁଝନ୍ତି
ଯାହା ଜଗତ ହିତ ।

Digitized by srujanika@gmail.com

ଜନନୀ ଗର୍ଭରେ ଯେକାଳେ
ଥିଲେ ସେ ମହାଜନ,
ଦେଶହିତବ୍ରତେ ନବେଣି-
ଛନ୍ତି ସେକାଳୁ ମନ ।
ଶୁଣି କଦାଚତେ ରମକ
ଯିବ ନାହିଁଟି ଭାଇ,
ହେଜବ ମାନସେ ଶ ବୂଟି
ଲେଢ଼ା ଏହାଙ୍କପାଇଁ ।
ଦୋନଳୀ ବନ୍ଧୁକ ସନ୍ଧାନେ
ଗୋଟା ଉଡ଼ିଲେ ଗୁଳ,
ଥର ଗୁଳଟାରେ ଜନ୍ଲୁଟା
ନଷ୍ଟେଁ ଚୁମ୍ବିବ ଧୂଳ ।
ତୁଝ କାହା ପାଶେ ଅଛନ୍ତି
ସେହୁ ଧାରଡାବନ୍ଧା,

Digitized by srujanika@gmail.com

ତାହା ଅନ୍ନେ ପ୍ରତିପାଳିତ
କାହିଁ କେମନ୍ତେ ହନ୍ତା ।
ରେଖା ରେଖା ବାଣ ଯୋଖିଲେ
ରେଖା କଥା ହଜିବ,
ବାଣୁଆ ଆଖିରୁ ଶିକାର
ଧାଇଁ କାହିଁ ଲୁଚିବ !
ଶାର୍ଦ୍ଦୂଳ ହୋଇବ ବଶଡ଼
ମୋହମନ୍ତ୍ର ବଳରେ,
ଆଖି ବୁଜି ନାକ ଗୃଠିବ
ବସି ହାଣ୍ଡିଶାଳରେ ।
ମାଛରଙ୍କା ମାଛ ଝାମ୍ପିଣ
ଯେବେ ଉଡ଼ ଯିବଟି,
ସଞ୍ଚାଣ ହୋଇଣ ତା ମୁଣ୍ଡୁଁ
ଝାମ୍ପି ନେବ ମାଛଟି ।

Digitized by srujanika@gmail.com

ଟ୍ରେନ୍ ବାଟପାର ଡରକୁ
ବାଟ ଘାଟ ଜଗିବେ,
ରେଳ ଇଷ୍ଟେସନ ମୁହଁରେ
ନକେ ଯାଇଁ ବସିବ ।
ପୁଣି ଯାଇ ପଣ୍ଡାପଣିଆ
ଶିଖି ଥାପ ବନ୍ଧନ,
ଇଷ୍ଟେସନଠାରେ ଯାଉର
ଧର୍‌ଧର କେସନ ।
ଗାଡ ଘୋଡ଼ା ବାନ୍ଧୁ ରଖିବ
ଯେବେ ଅଗନ୍ତୁଁ ଠାଣ,
ଝିଙ୍କିଝାଙ୍କି ଟାଣି ଅଣିବ
ଯାଉ ପଛେ ତା ପ୍ରାଣ ।
ନଭ ଗଣୁଥିବ କେତେଟା
ହାତ ମୁଠାକୁ ଗଲେ,

Digitized by srujanika@gmail.com

କାହା ଦୂତ କାହିଁ ବୁଲନ୍ତି
କାହିଁ କିଅବା କଲେ ।
ଶୟନ ଭୋଜନ ପାସୋରି
ଦିନ କେଉଁଠାପାଇଁ
ଦିବା ନିଶି ଧାଇଁ ବୁଲିବ
ଚଉପାଶକୁ ଚାହିଁ ।
ପର ଦୂତ ହୋଇ କେ ପୁଣି
ତୁମ୍ଭ ପେଟକୁ ଚିପି,
କେତେ ପଞ୍ଚଆରି ଦେଖାଇ
ଦେବେ ଗଳାରେ ଫାଶି ।
ଏତେ ଦଣ୍ଡମଣ୍ଡ ଏଡ଼ିଲେ
ମାନ୍ୟବର ହୋଇବ,
ଅମାନ୍ୟବରଙ୍କ ଉପରେ
ତୁମ୍ଭ ନାମ ଉଠିବ ।

Digitized by srujanika@gmail.com

ଗୋଡ଼ାଇ ଜାଣିଲେ ଏ କାଳେ
ଅଛ କଉଶଳରେ,
ମାନ୍ୟବର ପଦ ଲଭିବ
କଣ୍ଟକାଳ ପନ୍ଥରେ ।
ଦେଶଉଦ୍ଧାର ଯା କରିବ
ଜଣା ଅଛୁ ଦେଶକୁ,
କହିଲି ମୁଁ ଆଜ ଏତକ,
ବୁଝା ଯିବ ଶେଷକୁ ।

Printed by V. Kar. The U. S. Press, Cuttack.

Digitized by srujanika@gmail.com

PRINTED BY V. KAR.
The Utkal Sahitya Press,
CUTTACK,
1915.

Digitized by srujanika@gmail.com